Sankha Bhawan
Plot No. 798, Unit - VI
Bhubaneswar - 751001, Odisha

BJD

Ph : 0674-2393464, 2395979
email : bijujanatadal@gmail.com

# BIJU JANATA DAL

<u>ପ୍ରେସ୍ ବିଜ୍ଞପ୍ତି</u>

## ଦକ୍ଷତା ବିକାଶ ପାଇଁ ସିଙ୍ଗାପୁର ସ୍ଥିତ ଆଇଟିଇଇଏସ ସହ ନବୀନ ସରକାରଙ୍କ ସମୟରେ ଚୁକ୍ତିବଦ୍ଧ ହୋଇଥିଲା: ବିଜେଡି

- **ଦକ୍ଷତା ବିକାଶ ପାଇଁ ନବୀନ ସରକାରଙ୍କ ଉଦ୍ୟମ ଦେଶରେ ପ୍ରଥମ ଥିଲା**
- **୨୦୧୭ରେ ଆଇଟିଇଇଏସ ସହ ଏମଓୟୁ ହୋଇଥିଲା**
- **୨୦୨୩ରେ ଦ୍ୱିତୀୟ ପର୍ଯ୍ୟାୟରେ ନଅ ଇନୋଭେସନ ପ୍ରୋଗ୍ରାମ ପାଇଁ ଏମଓୟୁ**

**ଭୁବନେଶ୍ୱର, ୧୯/୧୧/୨୦୨୪:** ବିଜୁ ଜନତା ଦଳ ତରଫରୁ ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି ଯେ, ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁରରେ ସ୍ଥିତ ଆଇଟିଇଇଏସ ପରିଦର୍ଶନ କରିଥିଲେ, ଯେଉଁଠି ଅନେକ ଓଡ଼ିଆ ଯୁବକ ଯୁବତୀ ପ୍ରଶିକ୍ଷଣ ନେଉଛନ୍ତି, ତାହା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଚୁକ୍ତିବଦ୍ଧ ହୋଇଥିଲା।

ଶ୍ରୀ ଘଡ଼ାଇ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ୨୦୧୭ ମସିହା ନଭେମ୍ବର ମାସରେ, ଏହି ସଂସ୍ଥା ସହ ଓଡିଶା ସରକାର ଏକ ଏମଓୟୁ କରିଥିଲେ ଓ ସେହି ଅନୁସାରେ ଯୁବକ ଯୁବତୀଙ୍କ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ୨୦୨୩ ମସିହାରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଏମଓୟୁ କରାଯାଇଥିଲା ଯାହା ଅନୁଯାୟୀ, ନଅଟି ଇନୋଭେସନ ପ୍ରୋଗ୍ରାମରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଆଉ ଥରେ ଏମଓୟୁ କରାଯାଇଥିଲା ଓ ସେହି ଅନୁସାରେ ଓଡ଼ିଶାର ଯୁବକଯୁବତୀ ମାନେ ପ୍ରଶିକ୍ଷଣ ପାଇ ଆସୁଛନ୍ତି। ଦକ୍ଷତା ବିକାଶର ଇକୋ ସିଷ୍ଟମକୁ ବିଶ୍ୱସ୍ତରୀୟ କରିବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ୱାର୍ଲଡ ସ୍କିଲ ସେଣ୍ଟର ପ୍ରତିଷ୍ଠା ହୋଇଥିଲା।

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ଶିକ୍ଷ ଓ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ସମ୍ପଦ ସ୍ୱାଇଁ ଆଜି ସିଙ୍ଗାପୁରରେ ସ୍ଥିତ ଆଇଟିଇଇଏସକୁ ପରିଦର୍ଶନରେ ଯାଇଥିଲେ ଓ ସେଠାରେ ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା। ଏହି ପ୍ରଶଂସାର ପ୍ରକୃତ ହକଦାର ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ। ଶ୍ରୀ ଘଡ଼ାଇ କହିଥିଲେ, ଉଭୟ

ମୁଖ୍ୟମନ୍ତ୍ରୀ ଓ ଦକ୍ଷତା ବିକାଶ ମନ୍ତ୍ରୀଙ୍କୁ ଆମେ ମନେ ପକାଇ ଦେବାକୁ ଚାହୁଁଛୁ ଯେ, ୨୦୧୭ ମସିହାରେ ସ୍ୱାକ୍ଷର ହୋଇଥିବା ଏମଓୟୁ ପରେ ରାଜ୍ୟରେ ଆଇଟିଇଏସ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ବିଶ୍ୱ ଶିଳ୍ପ ବଜାରର ଆବଶ୍ୟକତା ଅନୁଯାୟୀ ଏହି ପ୍ରଶିକ୍ଷଣ ମାଧ୍ୟମରେ ରାଜ୍ୟରେ ଦକ୍ଷତା ବିକାଶ କରିବା ପାଇଁ ଏହି ଉଦ୍ୟମ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଭାରତର ଅନ୍ୟ କୌଣସି ରାଜ୍ୟ, ଏପରିକି ଡବଲ ଇଂଜିନ ରାଜ୍ୟ ଗୁଡିକରେ ମଧ୍ୟ ଏପରି କାର୍ଯ୍ୟକ୍ରମ କରାଯାଇ ନାହିଁ। ସେହିପରି ଭାରତ ବର୍ଷରେ ପ୍ରଥମ ଥର ପାଇଁ ରାଜ୍ୟରେ ସ୍କିଲ କନଫରେନ୍ସ ଆୟୋଜନ କରାଯାଇଥିଲା। ତେଣୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନିଆଯାଇଥିବା ଯୁଗାନ୍ତକାରୀ ପଦକ୍ଷେପକୁ ଆଜିର ସରକାର ଆଗେଇ ନେଲେ, ଦକ୍ଷତା ବିକାଶ କ୍ଷେତ୍ରରେ ନିର୍ଦ୍ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ହାସଲ ହୋଇ ପାରିବ ବୋଲି ଶ୍ରୀ ଘଡ଼ାଇ କହିଥିଲେ।

ଡଃ ପ୍ରିୟବ୍ରତ ମାଝୀ

(ଡଃ ପ୍ରିୟବ୍ରତ ମାଝୀ)

ଗଣମାଧ୍ୟମ ସଂଯୋଜକ

ବିଜୁ ଜନତା ଦଳ